କୋଶଲ ସମ୍ବାଦ

କୋଶଲର ସ୍ୱର, ଜନତାର ସମ୍ବାଦ

Koshalsambada.In / epaper
RNI REGD NO- ORORI/26A4694

ଦୈନିକ ଓଡ଼ିଆ ଖବର କାଗଜ

Koshalsambada.In / epaper
KOSHAL SAMBAD- Daily News Paper

Vol- 01 ■ No-45, Tuesday 17 November 2026 ■ 4 pages : Rs. 2/ - ■ ପ୍ରଥମ ବର୍ଷ, ସଂଖ୍ୟା-୪୫ ■ ମଙ୍ଗଳବାର ୧୭ ନଭେମ୍ବର ୨୦୨୬■ ୪ ପୃଷ୍ଠା: ମୂଲ୍ୟ ୨/-ଟଙ୍କା

ଓଡ଼ିଶାରେ ୧୩ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ଉଦ୍‌ଘାଟିତ, ଆଉ ୩ଟିର ହେଲା ଶିଳାନ୍ୟାସ

ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷାକୁ ମିଳିବ ନୂଆ ଦିଗ, ଗ୍ରାମାଞ୍ଚଳରେ ଉଚ୍ଚମାନର ଶିକ୍ଷା ସୁଯୋଗ ସୃଷ୍ଟି ଲକ୍ଷ୍ୟ

ଭୁବନେଶ୍ୱର, ୧୭ ।୧୧: ଓଡ଼ିଶାର ଆଦିବାସୀ ଅଧୁଷିତ ଅଞ୍ଚଳରେ ଶିକ୍ଷାର ପ୍ରସାର ଓ ଭିତ୍ତିଭୂମି ବିକାଶ ଦିଗରେ ଏକ ନୂଆ ପଦକ୍ଷେପ ନିଆଯାଇଛି । ରାଜ୍ୟରେ ୧୩ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିବା ବେଳେ ଆଉ ୩ଟି ବିଦ୍ୟାଳୟ ପାଇଁ ଶିଳାନ୍ୟାସ କରାଯାଇଛି । ଏହା ଆଦିବାସୀ ଅଞ୍ଚଳର ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶିକ୍ଷା ସୁଯୋଗ ପ୍ରଦାନ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ୧୩ଟି ବିଦ୍ୟାଳୟ ମୟୂରଭଞ୍ଜ, ନବରଙ୍ଗପୁର, ସୁନ୍ଦରଗଡ଼,



କନ୍ଧମାଳ, କେନ୍ଦୁଝର, କୋରାପୁଟ ଓ ରାୟଗଡ଼ା ଜିଲ୍ଲାରେ ଅବସ୍ଥିତ। ଏହା ସହିତ କନ୍ଧମାଳ ଜିଲ୍ଲାରେ ଆଉ ତିନୋଟି ବିଦ୍ୟାଳୟର ଶିଳାନ୍ୟାସ କରାଯାଇଛି । ଏହି ବିଦ୍ୟାଳୟଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ଛାତ୍ରଛାତ୍ରୀଙ୍କୁ ଆଧୁନିକ ଶିକ୍ଷା ସହିତ ଆବାସିକ ସୁବିଧା ଯୋଗାଇଦେବା। ଦୂରଦୂରାନ୍ତ ଗ୍ରାମରେ ରହୁଥିବା ଗରିବ ପରିବାରର ପିଲାମାନେ ଯେପରି ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ଏଭଳି ବିଦ୍ୟାଳୟର ଆବଶ୍ୟକତା ରହିଛି । ଶିକ୍ଷାବିତ୍‌ମାନଙ୍କ ମତରେ, ଏହି ପଦକ୍ଷେପ ଆଦିବାସୀ ଅ ଳରେ ଶିକ୍ଷାର ମାନ ବୃଦ୍ଧି କରିବା ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉଚ୍ଚଶିକ୍ଷା ପ୍ରତି ଆଗ୍ରହ ବଢ଼ାଇବାରେ ସହାୟକ ହୋଇପାରିବ। ତେବେ କେବଳ ବିଦ୍ୟାଳୟ ନିର୍ମାଣ ନୁହେଁ, ନିୟମିତ ପାଠପଢ଼ା, ଯୋଗ୍ୟ ଶିକ୍ଷକ ନିଯୁକ୍ତି, ଉନ୍ନତ ଶିକ୍ଷା ପରିବେଶ ଓ ଆବଶ୍ୟକ ସୁବିଧା ଉପଲବ୍ଧ କରାଇବା ମଧ୍ୟ ଜରୁରୀ। ଏହି ପକଳ୍ପଗୁଡ଼ିକ ଠିକ୍ ଭାବରେ କାର୍ଯ୍ୟକ୍ଷମ ହେଲେ ଆଦିବାସୀ ଅଞ୍ଚଳର ଅନେକ ପ୍ରତିଭାବାନ ଛାତ୍ରଛାତ୍ରୀ ନିଜର ଭବିଷ୍ୟତ ଗଢ଼ିବା ପାଇଁ ନୂଆ ସୁଯୋଗ ପାଇପାରିବେ।

ସୁଧୁରିଲାନି ବଡ଼ଗଡ଼ ପୁଷ୍କରିଣୀ ଅବସ୍ଥା, ପାଣିରେ ପଡ଼ିଲା ୧୮ ଲକ୍ଷ



ଭୁବନେଶ୍ୱର,(ଲିଙ୍ଗରାଜ ମହାପାତ୍ର) ୧୬/୧୧: ବଡ଼ଗଡ଼ ଗ୍ରାମରେ ଥିବା ୩ଟି ଐତିହ୍ୟ ପୁଷ୍କରିଣୀର ସମସ୍ୟା ସୁଧୁରୁନାହିଁ । ଗତବର୍ଷ ଟୁବି ଗାଡ଼ିଆରେ ବିଏମସି ୧୮ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲା । କିନ୍ତୁ ଏ ବର୍ଷ ଏହି ଗାଡ଼ିଆରେ ଦଳ ଓ ପଚା ପାଣିର ଦୁର୍ଗନ୍ଧ ଯୋଗୁଁ ଲୋକେ ପାଦ ପକାଇବାକୁ ଯାଉନାହାନ୍ତି । ବଡ଼ଗଡ଼କୁ ଐତିହ୍ୟ ଗ୍ରାମ ଭାବେ ଘୋଷଣା କରିବାକୁ ସରକାରଙ୍କ ନିକଟରେ ବାରମ୍ବାର ଦାବି ହୋଇଆସୁଛି। କିନ୍ତୁ ଏହି ୩ଟି ପୋଖରୀ ସମସ୍ୟା ଦୂର ହେଉ ନାହିଁ । ଏହି ପୋଖରୀଗୁଡ଼ିକ ହେଲା ନୂଆ ପୋଖରୀ ନୂଆସାହି, ଟୁବି ଗାଡ଼ିଆ ଓ ଗୋପାଳୁଣୀ ଗାଡ଼ିଆ । ବାରମ୍ବାର ଟଙ୍କା ଖର୍ଚ୍ଚ ହେଲେ ବି କିଛିଦିନ ମଧ୍ୟରେ ପୋଖରୀଗୁଡ଼ିକ ପ୍ରଦୂଷିତ ହୋଇଯାଉଛି । ପାଣି ଉପରେ ଦଳ ମାଡିଯାଉଛି । ପାଣିରୁ ଭୀଷଣ ଦୁର୍ଗନ୍ଧ ବାହାରୁଛି । ମଶା, ମାଛି, କୀଟ ପତଙ୍ଗ ସେଥିରେ ଘର କରି ରହୁଛନ୍ତି । ତେଣୁ ପୋଖରୀଗୁଡ଼ିକ ଲୋକଙ୍କ କାମରେ ଆସୁନାହିଁ । ଗତବର୍ଷ ତଳେ ଟୁବି ଗାଡ଼ିଆରେ ବିଏମସି ୧୮ ଲକ୍ଷ ଟଙ୍କା ଖର୍ଚ୍ଚରେ କାମ କରିଥିଲା । କିନ୍ତୁ ବର୍ତ୍ତମାନ ସେହି ଗାଡ଼ିଆରେ ପାଣି ନିଷ୍କାସନ ହୋଇ ନ ପାରିବାରୁ ପାଣି ପଚି ଦୁର୍ଗନ୍ଧ ହେଉଛି । ସେହି ଗାଡ଼ିଆରେ ଲୋକ ପଶୁ ନାହାନ୍ତି। ଗୋପାଳୁଣୀ ଗାଡ଼ିଆରେ ଗତ ଦୁଇ ବର୍ଷ ତଳେ ବିଏମ୍‌ସି ଲକ୍ଷ୍ୟାଧିକ ଟଙ୍କା ଖର୍ଚ୍ଚ କରିଥିଲା। କିନ୍ତୁ ଏହି ଗାଡ଼ିଆର ବର୍ତ୍ତମାନ ଅବସ୍ଥା ଦେଖିଲେ ସେଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି କେହି ଜାଣିପାରିବେ ନାହିଁ । ସେହିପରି ନୂଆ ସାହି ନୂଆ ପୋଖରୀ ସମ୍ପୂର୍ଣ ପରିତ୍ୟକ୍ତ ହୋଇ ଆବର୍ଜନାର ଖାଲ ପାଲଟିଛି ।





କୋଶଳ ସମ୍ବାଦ

ମଙ୍ଗଳବାର ୧୭ ନଭେମ୍ବର ୨୦୨୬



ଶିକ୍ଷାର ଆଲୋକରେ ବଦଳିବ ଗାଁର ଭାଗ୍ୟ, ସୁଯୋଗରୁ ବଞ୍ଚିତ ନ ହୁଅନ୍ତୁ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ



ପ୍ରଫୁଲ୍ଲ ରୋହିଦାସ
ସଂପାଦକ- କୋଶଳ ସମ୍ବାଦ
ଉଜ୍ଜ୍ୱଳପୁର ସୁନ୍ଦରଗଡ଼

ଶିକ୍ଷା ହେଉଛି ମଣିଷ ଜୀବନର ସବୁଠାରୁ ବଡ଼ ସମ୍ପଦ। ଏହା କେବଳ ଚାକିରି ପାଇବାର ମାଧ୍ୟମ ନୁହେଁ, ବରଂ ମଣିଷକୁ ସଚେତନ, ସ୍ୱାବଲମ୍ବୀ ଓ ଦାୟିତ୍ୱବାନ ନାଗରିକ ଭାବେ ଗଢ଼ି ତୋଳିବାର ଏକ ଶକ୍ତିଶାଳୀ ମାଧ୍ୟମ। ଯେଉଁ ସମାଜରେ ଶିକ୍ଷାର ପ୍ରସାର ଅଧିକ, ସେହି ସମାଜର ବିକାଶ ମଧ୍ୟ ଦ୍ରୁତ ଗତିରେ ହୋଇଥାଏ। ତେଣୁ ଗାଁଠାରୁ ସହର ପର୍ଯ୍ୟନ୍ତ ପ୍ରତ୍ୟେକ ଶିଶୁକୁ ଗୁଣାତ୍ମକ ଶିକ୍ଷା ଯୋଗାଇବା ଆଜିର ସମୟର ସବୁଠାରୁ ବଡ଼ ଆବଶ୍ୟକତା।

ଆଜି ଦେଶ ଡିଜିଟାଲ୍ ଯୁଗରେ ପ୍ରବେଶ କରିଛି। ବିଜ୍ଞାନ, ପ୍ରଯୁକ୍ତିବିଦ୍ୟା, କୃତ୍ରିମ ବୁଦ୍ଧିମତ୍ତା ଓ ଅନଲାଇନ୍ ଶିକ୍ଷା ମାଧ୍ୟମରେ ଶିକ୍ଷା ଜଗତରେ ନୂଆ ପରିବର୍ତ୍ତନ ଆସୁଛି। କିନ୍ତୁ ଏହି ପରିବର୍ତ୍ତନର ସୁଫଳ ଦେଶର ପ୍ରତ୍ୟେକ ଅଞ୍ଚଳର ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି ପାରିଛି କି? ଏହା ଆଜି ଏକ ବଡ଼ ପ୍ରଶ୍ନ। ସହରର ଛାତ୍ରଛାତ୍ରୀ ଆଧୁନିକ ଶିକ୍ଷା ସୁବିଧା ପାଉଥିବା ବେଳେ ଅନେକ ଗ୍ରାମାଞ୍ଚଳର ଛାତ୍ରଛାତ୍ରୀ ଏବେ ମଧ୍ୟ ଆବଶ୍ୟକ ଶିକ୍ଷକ, ପାଠାଗାର, ପରୀକ୍ଷାଗାର ଓ ଇଣ୍ଟରନେଟ୍ ସୁବିଧାରୁ ବଞ୍ଚିତ ଅଛନ୍ତି।

ବିଶେଷକରି ଆଦିବାସୀ ଅଧ୍ୟୁଷିତ ଅ ଳରେ ଶିକ୍ଷାର ବିକାଶ ପାଇଁ ଅଧିକ ଯତ୍ନ ନେବା ଆବଶ୍ୟକ। ଦାରିଦ୍ର୍ୟ, ଦୂରତା, ଯୋଗାଯୋଗ ସମସ୍ୟା ଓ ଆର୍ଥିକ ଅଭାବ ଯୋଗୁଁ ଅନେକ ମେଧାବୀ ପିଲା ନିଜର ପ୍ରତିଭାକୁ ବିକଶିତ କରିବାର ସୁଯୋଗ ପାଉନାହାନ୍ତି। ସରକାରୀ ଯୋଜନା କେବଳ କାଗଜପତ୍ରରେ ସୀମିତ ନ ରହି ପ୍ରକୃତ ହିତାଧିକାରୀଙ୍କ ପାଖରେ ପହଞ୍ଚିବା ଦରକାର।

ସରକାର ନୂତନ ବିଦ୍ୟାଳୟ ନିର୍ମାଣ ସହିତ ପୁରୁଣା ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ସୁଦୃଢ଼ କରିବା, ଖାଲି ଶିକ୍ଷକ ପଦବି ପୂରଣ, ବିଜ୍ଞାନ ଓ କମ୍ପ୍ୟୁଟର ଶିକ୍ଷାର ପ୍ରସାର ଏବଂ ଛାତ୍ରୀମାନଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଶିକ୍ଷାର ମାନ କେବଳ ବିଦ୍ୟାଳୟର ସୁନ୍ଦର କୋଠା ଦ୍ୱାରା ମାପି ହେବ ନାହିଁ। ଶ୍ରେଣୀଗୃହରେ ପାଠପଢ଼ାର ଗୁଣବତ୍ତା, ଶିକ୍ଷକଙ୍କ ନିଷ୍ଠା ଓ ଛାତ୍ରଛାତ୍ରୀଙ୍କ ଜ୍ଞାନ ହିଁ ଶିକ୍ଷାର ପ୍ରକୃତ ମାପକାଠି।

ଅଭିଭାବକମାନେ ମଧ୍ୟ ପିଲାଙ୍କ ଶିକ୍ଷା ପ୍ରତି ସଚେତନ ହେବା ଦରକାର। ଶିଶୁ ଶ୍ରମ, ବାଲ୍ୟବିବାହ ଓ ଅଧାରୁ ପାଠପଢ଼ା ଛାଡ଼ିବା ଭଳି ସମସ୍ୟାକୁ ସମାଜରୁ ଦୂର କରିବା ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ।

ଶେଷରେ କହିବାକୁ ଗଲେ, ଏକ ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ କରିବାକୁ ହେଲେ ଶିକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେବାକୁ ପଡ଼ିବ। ଗାଁର ଗରିବ ପରିବାରର ପିଲା ଓ ସହରର ସମ୍ପନ୍ନ ପରିବାରର ପିଲା ମଧ୍ୟରେ ଶିକ୍ଷାର ସୁଯୋଗରେ ତାରତମ୍ୟ ରହିବା ଉଚିତ ନୁହେଁ। କାରଣ ଆଜିର ଶିକ୍ଷିତ ଶିଶୁ ହିଁ ଆସନ୍ତାକାଲିର ଦକ୍ଷ ନାଗରିକ ଓ ରାଷ୍ଟ୍ର ନିର୍ମାତା। ଶିକ୍ଷାର ଆଲୋକ ପ୍ରତ୍ୟେକ ଘରେ ପହଞ୍ଚିଲେ ହିଁ ପ୍ରକୃତ ବିକାଶର ସ୍ୱପ୍ନ ସାକାର ହେବ।

ଧୁମଧାମରେ ପାଳିତ ହେଲା ମହାପର୍ବ ଛଟ୍, ଇବ୍ ନଦୀ ଘାଟରେ ଉଦୟମାନ ସୂର୍ଯ୍ୟଙ୍କୁ ଅର୍ଘ୍ୟ ଅର୍ପଣ



ସୁନ୍ଦରଗଡ (କୋଶଳ ସମ୍ବାଦ): ଆସ୍ଥା, ନିଷ୍ଠା ଓ ବିଶ୍ୱାସର ମହାନ ପର୍ବ ଛଟ୍ ପୂଜା ସୁନ୍ଦରଗଡ଼ ସହରରେ ଧୁମଧାମରେ ପାଳିତ ହୋଇଯାଇଛି। ସୋମବାର ସକାଳୁ ସୁନ୍ଦରଗଡ଼ର ଇବ୍ ନଦୀସ୍ଥିତ ଆରଟିଓ ଘାଟରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଚାରିଦିନ ଧରି ଚାଲିଥିବା ଏହି ପବିତ୍ର ପର୍ବର ଶେଷ ଦିନରେ ବ୍ରତଧାରୀମାନେ ନଦୀ ଜଳରେ ଠିଆ ହୋଇ ଉଦୟମାନ ସୂର୍ଯ୍ୟଦେବଙ୍କୁ ଦୁଗ୍ଧ ଓ ଜଳ ମିଶ୍ରିତ ଅର୍ଘ୍ୟ ଅର୍ପଣ କରିଥିଲେ। ଏହାପରେ ବିଧିବିଧାନ ଅନୁଯାୟୀ ବ୍ରତ ସମାପନ କରିଥିଲେ। ବିଶେଷକରି ବିହାରୀ ସମ୍ପ୍ରଦାୟର ଏହି ପ୍ରମୁଖ ପର୍ବରେ ବ୍ରତଧାରୀମାନେ ଅତ୍ୟନ୍ତ ନିଷ୍ଠା ଓ ଶ୍ରଦ୍ଧାର ସହ ଚାରିଦିନ ଧରି ସୂର୍ଯ୍ୟଦେବଙ୍କ ଉପାସନା କରିଥାନ୍ତି। ପରମ୍ପରା ଅନୁଯାୟୀ ପ୍ରଥମ ଦିନରୁ ଆରମ୍ଭ କରି ଅସ୍ତଗାମୀ ସୂର୍ଯ୍ୟଙ୍କୁ ସନ୍ଧ୍ୟା ଅର୍ଘ୍ୟ ଏବଂ ଶେଷ ଦିନରେ ଉଦୟମାନ ସୂର୍ଯ୍ୟଙ୍କୁ ପ୍ରାତଃ ଅର୍ଘ୍ୟ ଅର୍ପଣ କରାଯାଇଥାଏ। ସୋମବାର ଭୋରରୁ ଇବ୍ ନଦୀ ଘାଟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବା ବେଳେ ବାଜା, ବାଣ ଓ ଭଜନକୀର୍ତ୍ତନରେ ନଦୀକୂଳ ମୁଖରିତ ହୋଇଉଠିଥିଲା। ବ୍ରତଧାରୀଙ୍କ ସହ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ପରିବାରବର୍ଗ ଏହି ପୂଜାରେ ସାମିଲ ହୋଇଥିଲେ। ତେବେ ଛଟ୍ ପୂଜା ଆଉ କେବଳ ବିହାରୀ ସମ୍ପ୍ରଦାୟ ମଧ୍ୟରେ ସୀମିତ ହୋଇ ରହିନାହିଁ। ସୁନ୍ଦରଗଡ଼ରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ମଧ୍ୟ ଏହି ପର୍ବରେ ସାମିଲ ହୋଇ ଆସ୍ଥା ଓ ଭକ୍ତିର ନିଦର୍ଶନ ଦେଇଛନ୍ତି। ଏହା ସହିତ ସମାଜରେ ଭାଇଚାରା, ଏକତା ଓ ସାମ୍ପ୍ରଦାୟିକ ସଦ୍‌ଭାବନାର ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରିଛି ମହାପର୍ବ ଛଟ୍।

ରିପୋର୍ଟ: ପ୍ରଫୁଲ୍ଲ ରୋହିଦାସ, ସୁନ୍ଦରଗଡ଼

ଲଖନପୁରରେ କେନ୍ଦ୍ରୀୟ ବିଦ୍ୟାଳୟ ଦାବି ଜୋରଦାର

ଝାରସୁଗୁଡା: ଖଣିଜ ସମ୍ପଦରେ ଭରପୂର ଝାରସୁଗୁଡ଼ା ଜିଲାର ଲଖନପୁର ବ୍ଲକ୍ ରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ଦାବି ଜୋର ଧରିଛି। କୋଇଲା ଖଣି, ଏମ୍ସିଏଲ୍ ଏବଂ ବିସିଜିସିଏଲ୍ ଭଳି ବୃହତ୍ କେନ୍ଦ୍ରୀୟ ପ୍ରକଳ୍ପ ଥିବା ସତ୍ତ୍ୱେ ଅଞ୍ଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ନଥିବା ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଲଖନପୁର ଅଞ୍ଚଳରୁ କେନ୍ଦ୍ର ସରକାରଙ୍କୁ ବିପୁଳ ରାଜସ୍ୱ ମିଳୁଥିବା ବେଳେ ଏଠାକାର ଲୋକେ ଖଣି ଓ ଶିଳ୍ପଜନିତ ପ୍ରଦୂଷଣର ଭାର ବହନ କରୁଛନ୍ତି। କିନ୍ତୁ, ସ୍ଥାନୀୟ ପିଲାଙ୍କ ଉନ୍ନତ ଶିକ୍ଷା ପାଇଁ ଆବଶ୍ୟକ ସୁବିଧା ନଥିବା ଦୁର୍ଭାଗ୍ୟଜନକ ବୋଲି ମତ ପ୍ରକାଶ ପାଇଛି। ଝାରସୁଗୁଡ଼ା ଜିଲାର ଏକମାତ୍ର କେନ୍ଦ୍ରୀୟ ବିଦ୍ୟାଳୟ ରେଳବାଇ କଲୋନିରେ ଅବସ୍ଥିତ ଥିବାରୁ ଲଖନପୁର ଅଞ୍ଚଳର ଛାତ୍ରୀଛାତ୍ରଙ୍କୁ ପ୍ରାୟ ୯୦ କିଲୋମିଟର ଦୂର ଯାତ୍ରା କରିବାକୁ ପଡୁଛି। ଫଳରେ ଅନେକ ମେଧାବୀ ଛାତ୍ରଛାତ୍ରୀ ଏହି ସୁବିଧାରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟର ପିଏସ୍ୟୁ ସେକ୍ଟର ନିୟମ ଅନୁଯାୟୀ, କେନ୍ଦ୍ରୀୟ ଉଦ୍ୟୋଗଗୁଡ଼ିକ ଜମି ଓ ଆବଶ୍ୟକ ସହଯୋଗ ଯୋଗାଇ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ପଦକ୍ଷେପ ନେଇପାରିବେ।

ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ



ସୁନ୍ଦରଗଡ଼: ଗତ କାଲି ତା:୧୫/୧୧/୨୦୨୬ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସଙ୍କ ସୁନ୍ଦରଗଡ଼ ଜିଲ୍ଲା ଗସ୍ତ ପରିପ୍ରେକ୍ଷୀରେ, ରାଜଗାଙ୍ଗପୁର, ରାଣୀବନ୍ଧ ସ୍ଥିତ ବୀର ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ପାଳନ କାର୍ଯ୍ୟକ୍ରମ ରେ ମୁଖ୍ୟଅତିଥି ଭାବରେ ଯୋଗଦାନ ପରେ, ସୁନ୍ଦରଗଡ଼ ସର୍କିଟ ହାଉସ ଠାରେ ଜିଲ୍ଲା ସଭାପତି ନିର୍ମଳ ନାଏକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ବୈଠକ ରେ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଦଳୀୟ ପଦାଧିକାରୀ ବୃନ୍ଦ କର୍ମକର୍ତ୍ତା, କର୍ମୀ ମାନଙ୍କ ସହ ଆସନ୍ତା ପଞ୍ଚାୟତ ନିର୍ବାଚନ ଓ ବିଭିନ୍ନ ସାଙ୍ଗଠନିକ କାର୍ଯ୍ୟକ୍ରମ ବିଷୟରେ ଆଲୋଚନାରତ ପିସିସି ସଭାପତି ଶ୍ରୀଯୁକ୍ତ ଭକ୍ତ ଚରଣ ଦାସ। ଏହି ବୈଠକରେ ରାଜ୍ୟ ଓ ଜିଲ୍ଲାର ବରିଷ୍ଠ ନେତୃବୃନ୍ଦ, ବିଭିନ୍ନ ବ୍ଲକ ଓ ନଗର କଂଗ୍ରେସ ସଭାପତି ବୃନ୍ଦ ତଥା ଦଳୀୟ କର୍ମକର୍ତ୍ତା ଓ କର୍ମୀ ବୃନ୍ଦ ।

ସୁନ୍ଦରଗଡ଼ରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଲୋକପ୍ରିୟତା ଅପେକ୍ଷା କର୍ତ୍ତବ୍ୟ ଓ ଦାୟିତ୍ୱବୋଧକୁ ଗୁରୁତ୍ୱ ଦେବାକୁ ଆହ୍ୱାନ



ସୁନ୍ଦରଗଡ଼, ୧୬/୧୧: ସ୍ଥାନୀୟ ସଭାବନା ଭବନଠାରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ଚଳିତ ବର୍ଷର ବିଷୟବସ୍ତୁ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ରହିଥିବା ବେଳେ ସାମ୍ବାଦିକତାରେ ନୈତିକତା, ନିରପେକ୍ଷତା, ପ୍ରେସ୍ ସ୍ୱାଧୀନତା ଓ ସାମାଜିକ ଦାୟିତ୍ୱବୋଧ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଭିମନ୍ୟୁ ମାଝୀ ଯୋଗଦେଇ ସାମ୍ବାଦିକମାନଙ୍କୁ ସମାଜର ଜାଗ୍ରତ ପ୍ରହରୀ ଏବଂ ସାଧାରଣ ଜନତାଙ୍କ ସ୍ୱର ବୋଲି ଅଭିହିତ କରିଥିଲେ। ଗଣତନ୍ତ୍ରରେ ପ୍ରେସ୍ ସ୍ୱାଧୀନତାର ଗୁରୁତ୍ୱ ଉଲ୍ଲେଖ କରିବା ସହ ଲୋକଙ୍କ ନିକଟରେ ସତ୍ୟ, ନିରପେକ୍ଷ ଓ ନିର୍ଭୁଲ ଖବର ପହ ାଇବା ଗଣମାଧ୍ୟମର ପ୍ରମୁଖ ଦାୟିତ୍ୱ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ସୁସ୍ମିତା ଭୋଇ ଯୋଗଦେଇ ସାମ୍ବାଦିକତାର ଉତ୍ପତ୍ତି, ସମ୍ବାଦପତ୍ରର ଇତିହାସ ଏବଂ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସମାଜର ବିଭିନ୍ନ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ଏହାର ସମାଧାନ ଦିଗରେ ସାମ୍ବାଦିକମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ମତ ରଖିଥିଲେ। ଅନ୍ୟତମ ଅତିଥି ଭାବେ ପ୍ରେସ୍ କ୍ଲବ୍‌ର କାର୍ଯ୍ୟକାରୀ ସଭାପତି ଏମ୍.ଡି. ସବୀର ଓ ବରିଷ୍ଠ ସାମ୍ବାଦିକ ଦେବବ୍ରତ ଜେନା ଯୋଗଦେଇ ନିଜର ଦୀର୍ଘଦିନର ସାମ୍ବାଦିକତା ଅଭିଜ୍ଞତା ବାଣ୍ଟିଥିଲେ। କ୍ଷେତ୍ରସ୍ତରରେ ସାମ୍ବାଦିକମାନେ ସାମ୍ନା କରୁଥିବା ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ମଧ୍ୟ ମତ ରଖିଥିଲେ। ଏହି ଅବସରରେ ସାମ୍ବାଦିକମାନଙ୍କ ମଧ୍ୟରେ ଏକ ଖୋଲା ଆଲୋଚନା ହୋଇଥିଲା। ଏଥିରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ନିଜ ନିଜର ସମସ୍ୟା, ଅନୁଭୂତି ଓ ମତାମତ ଉପସ୍ଥାପନ କରିଥିଲେ। ପ୍ରାରମ୍ଭରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଜାତୀୟ ପ୍ରେସ୍ ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଗଣମାଧ୍ୟମର ସାମ୍ବାଦିକ ଓ ଛାତ୍ରଛାତ୍ରୀ ଯୋଗଦେଇଥିଲେ।

ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଝାରସୁଗୁଡ଼ା: ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଜିଲ୍ଲା ପ୍ରେସ୍ କ୍ଲବ୍‌ର ମିଳିତ ଆନୁକୂଲ୍ୟରେ ଆଜି ଝାରସୁଗୁଡ଼ା ଇଞ୍ଜିନିୟରିଂ ସ୍କୁଲ ଅଡିଟୋରିୟମ ଠାରେ ଜିଲ୍ଲା ସ୍ତରୀୟ 'ଜାତୀୟ ପ୍ରେସ୍ ଦିବସ - ୨୦୨୬' ମହାସମାରୋହରେ ପାଳିତ ହୋଇଯାଇଛି। ଚଳିତ ବର୍ଷର ବାର୍ତ୍ତା "ସାମ୍ବାଦିକତା: ଲୋକପ୍ରିୟତା / କର୍ତ୍ତବ୍ୟବୋଧ" ଶୀର୍ଷକ ଆଲୋଚନାଚକ୍ରରେ ଯୋଗଦେଇ ଅତିଥିମାନେ ସାମ୍ପ୍ରତିକ ସମୟରେ ଚାଞ୍ଚଲ୍ୟକର ଖବର ପରିବେଷଣ ଅପେକ୍ଷା ତଥ୍ୟଭିତ୍ତିକ, ଦାୟିତ୍ୱବୋଧକ ସାମ୍ବାଦିକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଦିଲୀପ କୁମାର ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରିତାକାନ୍ତି ଜିଲ୍ଲା ପ୍ରେସ୍ କ୍ଲବ ସଭାପତି ପ୍ରଶାନ୍ତ ମହାନ୍ତି, ମୁଖ୍ୟ ବକ୍ତା ଭାବେ ଅଧ୍ୟାପିକା ଡଃ. ସ୍ୱର୍ଣ୍ଣମୟୀ ପୁରୋହିତ ଏବଂ ବରିଷ୍ଠ ନାଗରିକ ସଂଘର ସଭାପତି ବାଳଗୋବିନ୍ଦ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ।

ଦେଉଳା ନାଳରେ ରାମନାଗୁଡା ସ୍ୱାମୀ ଆୟାପ୍ପା ଭକ୍ତଙ୍କ ଆରଟି ପୂଜାର୍ଚ୍ଚନା



ରାମନାଗୁଡା, ୧୬/୧୧ : ରାମନାଗୁଡାର ସ୍ୱାମୀ ଆୟାପ୍ପା ଭକ୍ତମାନେ ଦେଉଳା ନାଳ ଘାଟରେ ଭକ୍ତି ଓ ନିଷ୍ଠାର ସହ ଆରଟି ପୂଜାର୍ଚ୍ଚନା କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମୁଦାୟ ୭୦ ଜଣ ଆୟାପ୍ପା ଭକ୍ତ ଅଂଶଗ୍ରହଣ କରିଥିଲେ। ମାଝି ଗୁରୁସ୍ୱାମୀଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାମନାଗୁଡାର ଗୁରୁସ୍ୱାମୀ ପେଦିନା ତ୍ରିମୁଲା, ବିଶ୍ୱନାଥ ସେନାପତି, ପେଦିନା ଶ୍ରୀନୁଙ୍କ ସହଯୋଗରେ ଏବଂ ସମସ୍ତ ସ୍ୱାମୀଙ୍କ ସହଯୋଗରେ ପୂଜା ସମ୍ପନ୍ନ ହୋଇଥିଲା। ପ୍ରଥମେ ସମସ୍ତ ଭକ୍ତ ହଳଦୀ ଦେହରେ ବୋଳି ଆୟାପ୍ପା ମନ୍ଦିର ଠାରୁ ବାହାରି ସହର ପରିକ୍ରମା କରିଥିଲେ। "ସ୍ୱାମୀୟେ ଶରଣମ୍ ଆୟାପ୍ପା" ଧ୍ୱନିରେ ସହର ପ୍ରକମ୍ପିତ ହୋଇଥିଲା। ଏହାପରେ ଭକ୍ତମାନେ ଦେଉଳା ନାଳକୁ ଯାଇ କଦଳୀ ପୂଜା ବା ଆରଟି ପୂଜା କରି ଅଭିଷେକ କରାଯାଇଥିଲା। ପରେ ନାଳ ଘାଟରେ ଆରଟି ପୂଜାର୍ଚ୍ଚନା ସହ ମହାପ୍ରସାଦ ବଣ୍ଟନ କରାଯାଇଥିଲା। ସମସ୍ତଙ୍କ ମଙ୍ଗଳ କାମନା ଓ ଅଞ୍ଚଳର ସୁଖ-ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା।

ଘର ନିର୍ମାଣ ସାମଗ୍ରୀ ଚୋରି ମାମଲା : ୬ ଗିରଫ

୫. ୮ ମେଟ୍ରିକ ଟନ ଲୁହା ସାମଗ୍ରୀ ଚୋରି ସମେତ ୩ କାର ଗାଡି ଜବତ



ବଡ଼ଗାଁ (ରିପୋର୍ଟ:-ସନ୍ତୋଷ ଧନୁଆର): ସୁନ୍ଦରଗଡ଼ ଜିଲ୍ଲା ବଡ଼ଗାଁ ଥାନା ଅଞ୍ଚଳରେ ଘର ନିର୍ମାଣରେ ବ୍ୟବହୃତ ଲୁହା ସାମଗ୍ରୀ ଚୋରି ଘଟଣାରେ ବଡ଼ଗାଁ ପୋଲିସ ୬ଜଣଙ୍କୁ ଗିରଫ କରିଛି । ଚୋରି ହେଇଥିବା ୧୨୦ଟି ଲୁହା ପାଇପ. ୨ଟି ମହିନ୍ଦ୍ର। ବେ।ଲ୍ରୋ ପିକଅପ ଗାଡି ଓ ଗୋଟିଏ କାର ଅନ୍ୟ।ନ୍ୟ ସାମଗ୍ରୀ ଜବତ କରିଛି । ଚୋରି ହେଥିବା ଲୁହା ସାମଗ୍ରୀ ପରିମାଣ ପ୍ରାୟ ୫. ୮ ମେଟ୍ରିକ ଟନ. ଏହାର ଆନୁମାନିକ ମୂଲ୍ୟ ୬/୭ଲକ୍ଷ ଟଙ୍କା ହେବ । ସୂଚନା ଅନୁଯାଇ କଙ୍କତରୁ ପ୍ରୋଜେକ୍ଟସ ଇଣ୍ଟରନ୍ୟାସନାଲ ଲିମିଟେଡ଼ ର ପ୍ରକଳ୍ପ ସ୍ଥଳରୁ ଏହି ଲୁହା ଚୋରି ହେଇ ଥିଲା ଏହି ଘଟଣାକୁ ନେଇ ବଡ଼ଗାଁ ଥାନା ରେ କେଶ ନଂ... ୩୩୭.ମାମଲା ରୁଜୁ କରି ପୋଲିସ ତଦନ୍ତ କରି ଚୋରି ଘଟଣାରେ ଥିବା ୬ଜଣ ଙ୍କୁ ଗିରଫ କରିଛି । ଅଭିଯୁକ୍ତ ମାନେ ହେଲେ ଝାରଖଣ୍ଡ ରାଜ୍ୟ ରାମଗଡ଼ ଜିଲ୍ଲା ଗୋଲା ଥାନା ଅଂଚଳର ସତେନ୍ଦ୍ର କୁମାର ମହାତୋ. ତିଳକ ଧାରୀ ମହାତୋ. ସୁନ୍ଦରଗଡ଼ ଜିଲ୍ଲା ବ୍ରାହ୍ମଣୀ ତରଙ୍ଗ ଥାନା ଅଂଚଳର ବେଦବ୍ୟାସର ରୋହିତ ସାହୁ. କଲୁଙ୍ଗ। ମିଳନ ଗଳିର ଓମ ସା. ବେଦବ୍ୟାସ ମନ୍ଦିର ରୋଡ଼ର ଗୋବିନ୍ଦ କୁମାର ଶର୍ମା ଏବଂ ବୁରୁତୋଳା ଅଂଚଳର ସନ୍ଦୀପ ତିୱାରୀ. ଏହି ଅଭିଯୁକ୍ତ ମାନଂକୁ କୋଟ ଚାଲାଣ କରାଯାଛି।



ଉତ୍କଳ ସମାଜ
ମଙ୍ଗଳବାର ୧୭ ନଭେମ୍ବର ୨୦୨୬



ରେଳ ଧାରଣାରୁ ଅଜଣା ବ୍ୟକ୍ତିଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର, ପରିଚୟ ଖୋଜୁଛି ରେଳବାଇ ପୋଲିସ



ସୁନ୍ଦରଗଡ଼ ଜିଲ୍ଲା ହେମଗିରି ବ୍ଲକ : ସୁନ୍ଦରଗଡ଼ ଜିଲ୍ଲା ହେମଗିର - ଦାଘୋରା ନିକଟ ଭଷ୍ମା ରେଲୱେ ସାଇଡିଂ ଧାରଣା ନିକଟରୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଠାବ ହୋଇଛି । ମୃତକଙ୍କ ପରିଚୟ ଏଯାଏଁ ମିଳିନଥିବାରୁ ପରିଚୟ ଜାଣିବା ପାଇଁ ସାଧାରଣ ଜନତାଙ୍କ ସହଯୋଗ ଲୋଡ଼ିଛି ରେଳବାଇ ପୋଲିସ । ଗତ ୧୫ ନଭେମ୍ବର ୨୦୨୬ ତାରିଖରେ ହେମଗିର ରେଳ ଷ୍ଟେସନରୁ ଡାଘୋରା ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ଅଞ୍ଚଳରେ ଏହି ଅଜଣା ବ୍ୟକ୍ତିଙ୍କୁ ରେଳ ଧାରଣା ନିକଟରେ ପଡ଼ିଥିବା ଅବସ୍ଥାରେ ଠାବ କରାଯାଇଥିଲା । ଭଷ୍ମା ରେଳ ସାଇଡିଂ ନିକଟରେ କିଲୋମିଟର ନମ୍ବର ୫୫୧/୧୪-୧୦ ଠାରେ ତାଙ୍କୁ ଠାବ କରାଯାଇଥିଲା । ତେବେ ବାରମ୍ବାର ଉଦ୍ୟମ ସତ୍ତ୍ୱେ ମୃତ ବ୍ୟକ୍ତିଙ୍କ ପରିଚୟ ଜଣାପଡ଼ିନାହିଁ । ବର୍ତ୍ତମାନ ପରିଚୟ ଚିହ୍ନଟ ଓ ପରବର୍ତ୍ତୀ ଆଇନଗତ ପ୍ରକ୍ରିୟା ପାଇଁ ମୃତଦେହକୁ ରାଜଗାଙ୍ଗପୁର ସିଏଚ୍‌ସିର ଶବଗୃହରେ ୯୬ ଘଣ୍ଟା ପର୍ଯ୍ୟନ୍ତ ରଖାଯିବ । ଏହି ଅଜଣା ମୃତକଙ୍କ ସମ୍ପର୍କରେ କାହାରି କିଛି ସୂଚନା ଥିଲେ କିମ୍ବା ତାଙ୍କ ପରିବାର ସଦସ୍ୟଙ୍କୁ ଜାଣିଥିଲେ, ତୁରନ୍ତ ନିକଟସ୍ଥ ଥାନା କିମ୍ବା ସମ୍ପୃକ୍ତ ରେଳ ପୋଲିସ ସହ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି । ଏ ନେଇ ଜିଆରପି ରାଜଗାଙ୍ଗପୁର ଥାନା ସହ ଯୋଗାଯୋଗ କରି ମୃତକଙ୍କ ପରିଚୟ ଜଣାଇ ପାରିବେ । ଜଣେ ଅଜଣା ମଣିଷଙ୍କୁ ନିଜ ପରିବାର ଓ ଆତ୍ମୀୟଙ୍କ ନିକଟରେ ପହଞ୍ଚାଇବା ପାଇଁ ଆପଣଙ୍କ ଛୋଟିଆ ସୂଚନା ମଧ୍ୟ ବଡ଼ ସହାୟକ ହୋଇପାରେ । ତେଣୁ ଏହି ଖବରକୁ ଅଧିକରୁ ଅଧିକ ପ୍ରଚାର କରିବା ସହ ପୋଲିସକୁ ସହଯୋଗ କରିବାକୁ ନିବେଦନ କରିଛି ଜିଆରପି ରାଜଗାଙ୍ଗପୁର ।

ମେସିନ ଶୋଷଣ କରୁଛି ଜବ କାର୍ଡ ଶ୍ରମିକ ମାନଙ୍କୁ





ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ଦଶିପୁର ପଂଚାୟତ ଗୁରୁଜାଙ୍ଗୁଲି ରଲଲରମପ୍ସ ରାତିରେ ମେସିନ ଲଗେଇ ଠିକାଦାର ମାଟି କେନାଲ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସି ! ଭି- ବି ଜି ରାମ ଜି ଜାମୁନାଳୀ ଠାରୁ ଗଉଡ଼ ପଶି ମାଟି କେନାଲ କୋଡ଼ **2407005007/IC/VB/ 10664897,** ଅଟକାଳ ପାଞ୍ଚ ଲକ୍ଷ ଶ୍ରମିକ ବଦଳରେ ରାତିରେ ମେସିନ ଲଗେଇ କାମ କରୁଥିବା ଅଭିଯୋଗ କରିଛନ୍ତି ଗ୍ରାମ ବାସି ! ମାଟି କେନାଲ ଚାଷୀ ଉପକୃତ ହେବାର ନାହିଁ ଅନେକ ଚାଷୀ ଅଭିଯୋଗ କରିଛନ୍ତି !ତୁରନ୍ତ ଏହାର ତଦନ୍ତ କରି କାର୍ଯ୍ୟନୁଷ୍ଠାନ ନେବାକୁ ଗ୍ରାମ ବାସି ଦାବୀ କରିଛନ୍ତି

କୋରିଆପାଳ ସେବାଶ୍ରମ ବିର୍ସାମୁଣ୍ଡା ଦିବସ ଅନୁଷ୍ଠିତ





ଢେଙ୍କାନାଳ: ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ ରାଇବୋଲ ପଂଚାୟତ ଆଦିବାସୀ ଜନଜାତି କୋରିଆପାଳ ସେବାଶ୍ରମ ଦିବସ ପାଳନ ହୋଇଯାଇଛି ! ବିର୍ସା ମୁଣ୍ଡାଙ୍କର ଥିଲେ ଆଦିବାସୀ ନେତା ଏବଂ ଗୌରବ ଥିଲେ ଏହି ଅବସରେ ନାଚ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା !ଏବଂ ପୁରସ୍କାର ବିତରଣ କରାହୋଇଥିଲା ! ଏଥିରେ ମୁଖ୍ୟ ଅଥିତି ରାଇବୋଲ ସରପଞ୍ଚ ଶାନ୍ତନୁ କୁମାର ସାହୁ, ପ୍ରଧାନ ଶିକ୍ଷକ ବୈକୁଣ୍ଠନାଥ ମୁଣ୍ଡା,ୱାର୍ଡ ସଭ୍ୟ ହୃଷିକେଶ ଦେହୁରୀ,ସ୍କୁଲ ସଭାପତି ବିଷ୍ଣୁଚରଣ ପଧାନ, ରାମ ପ୍ରଧାନ, ଗତିକୃଷ୍ଣ ପଧାନ, ସନ୍ତୋଷ କୁମାର ମହନ୍ତ, ସହକାରୀ ଶିକ୍ଷକ ଅଲେଖ ପ୍ରସାଦ ପଧାନ ଦାଶରଥି ନାଏକ, ଗୋପବନ୍ଧୁ ମାର୍ଣ୍ଡି, ବିନ୍ଦୁଲତା ମହନ୍ତ, ମାର୍ଟିନ ସନ୍ଧ୍ୟାରାଣୀ ପ୍ରଧାନ ସଭାକାର୍ଯ୍ୟରେ ସହଯୋଗ କରିଥିଲେ

ଢେଙ୍କାନାଳର ବିଭିନ୍ନ ଶୈବପୀଠରେ ଭକ୍ତଙ୍କ ଭିଡ଼ !

କାର୍ତ୍ତିକ ଚତୁର୍ଥ ସୋମବାର ଓ ବିଛା ସଂକ୍ରାନ୍ତି ଅବସରରେ ଶିବମୟ ହେଲା ପରିବେଶ



କାର୍ତ୍ତିକ ମାସର ଚତୁର୍ଥ ସୋମବାର ସାଙ୍ଗକୁ ବିଛା ସଂକ୍ରାନ୍ତି। ଏହି ପବିତ୍ର ଅବସରରେ ଢେଙ୍କାନାଳ ସହରର ବିଭିନ୍ନ ଶୈବପୀଠରେ ଦେଖିବାକୁ ମିଳିଛି ପ୍ରବଳ ଭକ୍ତଙ୍କ ସମାଗମ। ଭୋର ସମୟରୁ ବିଭିନ୍ନ ଶିବ ମନ୍ଦିରରେ ଭକ୍ତଙ୍କ ଭିଡ଼ ଲାଗି ରହିଥିବା ବେଳେ, ଶ୍ରଦ୍ଧାଳୁମାନେ ମହାଦେବଙ୍କ ଦର୍ଶନ କରିବା ସହ ଜଳାଭିଷେକ ଓ ପୂଜାର୍ଚ୍ଚନା କରିଛନ୍ତି। ଭକ୍ତମାନେ କ୍ଷୀର, ବେଲପତ୍ର, ବିଭିନ୍ନ ପ୍ରକାରର ଫୁଲ, ଭୋଗ, ଦୀପ ଓ ଧୂପ ନେଇ ମହାଦେବଙ୍କ ନିକଟରେ ଅର୍ପଣ କରିଛନ୍ତି। ଏହା ସହିତ ପରିବାରର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରି ଭକ୍ତମାନେ ପ୍ରଭୁ ଶିବଙ୍କ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଘଣ୍ଟଘଣ୍ଟା, ଶଙ୍ଖଧ୍ୱନି ଓ ହର ହର ମହାଦେବ ଜୟଧ୍ୱନିରେ ଶୈବପୀଠଗୁଡ଼ିକରେ ସୃଷ୍ଟି ହୋଇଛି ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ। କାର୍ତ୍ତିକ ମାସର ପବିତ୍ର ସୋମବାର ଓ ବିଛା ସଂକ୍ରାନ୍ତି ଏକାଠି ପଡ଼ିଥିବାରୁ ଶିବଭକ୍ତଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଭକ୍ତିଭାବ ପରିଲକ୍ଷିତ ହୋଇଛି।

କାର୍ତ୍ତିକ ସୋମବାର ବିଛା ସଂକ୍ରାନ୍ତି ରେ ବାବା ଆଖଣ୍ଡଳମଣିଙ୍କ ପୀଠରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା



କାର୍ତ୍ତିକ ମାସର ଚତୁର୍ଥ ସୋମବାର ବିଛା ସଂକ୍ରାନ୍ତି ଅବସରରେ ଢେଙ୍କାନାଳ ଜିଲ୍ଲାର ଭାଗୀରଥି ସାଗର କୂଳରେ ଅବସ୍ଥିତ ବାବା ଆଖଣ୍ଡଳମଣିଙ୍କ ପୀଠରେ ଭକ୍ତି ଓ ଶ୍ରଦ୍ଧାର ସହ ବିଶେଷ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଭାତରୁ ବାବାଙ୍କ ମଙ୍ଗଳ ଆଳତି, ମହାସ୍ନାନ, ବେଲପତ୍ର ଅର୍ପଣ ସହ ବିଭିନ୍ନ ପ୍ରକାରର ପୁଷ୍ପ ଓ ଭୋଗ ଲାଗି କରାଯାଇଥିଲା। ସେହିପରି ମଧ୍ୟାହ୍ନରେ ଅନ୍ନଧୂପ ନୀତି ସମ୍ପନ୍ନ ହୋଇଥିବା ବେଳେ ସନ୍ଧ୍ୟାରେ ଆଳତି ଓ ଘର୍ଷଣୀ ନୀତି ପରେ ବାବାଙ୍କୁ ମନୋରମ ମେଳା ବେଶରେ ସଜ୍ଜିତ କରାଯାଇଥିଲା। ଏଥିସହ ଚୁଡ଼ା ଘଷା ଓ ପଣା ଭୋଗ ମଧ୍ୟ ଲାଗି କରାଯାଇଥିଲା। ପୂଜକ ତୁଷାର ରଞ୍ଜନ ମିଶ୍ର ଓ ବିଭୂତି ଭୂଷଣ ପଣ୍ଡାଙ୍କ ଦ୍ୱାରା ସମସ୍ତ ପୂଜାବିଧି ସମ୍ପନ୍ନ ହୋଇଥିଲା। କାର୍ତ୍ତିକ ସୋମବାର ଓ ବିଛା ସଂକ୍ରାନ୍ତି ଏହି ପବିତ୍ର ସଂଯୋଗରେ ବାବାଙ୍କ ଦର୍ଶନ ପାଇଁ ପୀଠରେ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା।

କାର୍ତ୍ତିକ ମାସର ବିଛା ସଂକ୍ରାନ୍ତି ସୋମବାରରେ ମା' ତାରେଣୀଙ୍କ ବିଶେଷ ପୂଜାର୍ଚ୍ଚନା, ମନ୍ଦିରରେ ଭକ୍ତଙ୍କ ଭିଡ଼



ପବିତ୍ର କାର୍ତ୍ତିକ ବିଛା ସଂକ୍ରାନ୍ତି ସୋମବାର ଅବସରରେ ଢେଙ୍କାନାଳ ସହରର ଗାନ୍ଧୀ ମନ୍ଦିର ରୋଡ୍ ସ୍ଥିତ ମା' ତାରେଣୀଙ୍କ ପୀଠରେ ଭକ୍ତି ଓ ଶ୍ରଦ୍ଧାର ସହ ଅନୁଷ୍ଠିତ ହୋଇଛି ବିଶେଷ ପୂଜାର୍ଚ୍ଚନା। ଏହି ଅବସରରେ ପ୍ରାତଃରୁ ମା'ଙ୍କ ମଙ୍ଗଳ ଆଳତି ପରେ ସ୍ନାନ ନୀତି ସମ୍ପନ୍ନ ହୋଇଥିଲା। ପରେ ମା'ଙ୍କୁ ନୂତନ ବସ୍ତ୍ର ପରିଧାନ କରାଯିବା ସହ ବିଭିନ୍ନ ପ୍ରକାରର ସୁନ୍ଦର ପୁଷ୍ପମାଲ୍ୟରେ ସୁସଜ୍ଜିତ କରାଯାଇଥିଲା। ଏଥିସହ ମା'ଙ୍କ ନିକଟରେ ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଇଥିଲା। ମଧ୍ୟାହ୍ନ ରେ ହୋମ ଯଜ୍ଞ କରାଯାଇ ଥିଲା । କାଉକ ମାସର ବିଛା ସଂକ୍ରାନ୍ତି ଏହି ପବିତ୍ର ଅବସରରେ ସକାଳୁ ମନ୍ଦିରରେ ଭକ୍ତଙ୍କ ସମାଗମ ସହ ଏକ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ସେହିପରି ସନ୍ଧ୍ୟାରେ ମା'ଙ୍କ ସ୍ୱତନ୍ତ୍ର ଆଳତି ଅନୁଷ୍ଠିତ ହେବା ପରେ ରାତ୍ରିରେ ପହଡ଼ ନୀତି ସମ୍ପନ୍ନ ହେବ। ମନ୍ଦିରର ପୂଜକ ଆପୂଲ୍ ରଣାଙ୍କ ଦ୍ୱାରା ସମସ୍ତ ପୂଜାବିଧି ବିଧିବିଧାନ ଅନୁସାରେ ସମ୍ପନ୍ନ କରାଯାଇଥିଲା। ମା' ତାରେଣୀଙ୍କ ବିଶେଷ ପୂଜାର୍ଚ୍ଚନା, ମନ୍ଦିରରେ ଭକ୍ତଙ୍କ ଭିଡ଼।

ଜାତୀୟ ପ୍ରେସ୍ ଦିବସ ପାଳନରେ ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ ଶୀର୍ଷକ ଆଲୋଚନାଚକ୍ର

ସମ୍ବଲପୁର: ସୋମବାର ଜାତୀୟ ପ୍ରେସ୍ ଦିବସ ଅବସରରେ ଜିଲ୍ଲା ପ୍ରଶାସନ ଏବଂ ସମ୍ବଲପୁର ପ୍ରେସ୍ କ୍ଲବର ମିଳିତ ଆନୁକୂଲ୍ୟରେ ସମ୍ବଲପୁର ପ୍ରେସ୍ କ୍ଲବ୍ ପରିସରରେ ଏକ ଆକର୍ଷଣୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଜାତୀୟ ପ୍ରେସ୍ ଦିବସରେ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ବୁର୍ଲା ସ୍ଥିତ ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଏବଂ ଗବେଷଣା ପ୍ରତିଷ୍ଠାନ (ଭିମସାର) ର ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡା. ପ୍ରଦୀପ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସାମ୍ବାଦିକତାର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋକପାତ କରିଥିଲେ। ନିଜ ଅଭିଭାଷଣରେ ଡା. ମହାନ୍ତି ଡାକ୍ତର ଏବଂ ସାମ୍ବାଦିକମାନଙ୍କ କାର୍ଯ୍ୟଶୈଳୀ ମଧ୍ୟରେ ଥିବା ସମାନତା ଦର୍ଶାଇ କହିଥିଲେ ଯେ, ଉଭୟ ବୃତ୍ତିରେ ପ୍ରବଳ ମାନସିକ ଚାପ ଏବଂ ଆହ୍ୱାନ ରହିଥିଲେ ମଧ୍ୟ କର୍ତ୍ତବ୍ୟବୋଧ ଓ ନିଷ୍ଠାର ସହ କାର୍ଯ୍ୟ କରିବା ଅତ୍ୟନ୍ତ ଜରୁରୀ। ଐତିହାସିକ ପୃଷ୍ଠଭୂମି ଉଦାହରଣ ଦେଇ ସେ 'ପୀତ ସାମ୍ବାଦିକତା' ବା କେବଳ ଲୋକପ୍ରିୟତା ଓ ରୋମାଞ୍ଚକର ଖବର ପ୍ରକାଶ କରିବା ପରିବର୍ତ୍ତେ 'ମକ୍ରାକ୍' ସାମ୍ବାଦିକମାନଙ୍କ ଭଳି ସମାଜର ପ୍ରକୃତ ସମସ୍ୟା ଓ ଦୁର୍ନୀତିକୁ ଲୋକଲୋଚନକୁ ଆଣିବା ଉପରେ ଗୁରୁତ୍ୱାରୋପ କରିଥିଲେ।

ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବଲାଙ୍ଗିର : ଦେଓଗାଁ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାପାଳ ଗୌରଓ୍ୱ ଶିଓ୍ୱାଜୀ ଇସଲଓ୍ୱାର ଉପସ୍ଥିତ ରହି ଜନସାଧାରଣଙ୍କଠାରୁ ବିଭିନ୍ନ ସମସ୍ୟା ଓ ଅଭିଯୋଗ ଶୁଣିଥିଲେ। ବିଭିନ୍ନ ସମସ୍ୟା ନେଇ ଶିବିରକୁ ଆସିଥିବା ଅଭିଯୋଗକାରୀମାନେ ନିଜ ନିଜର ଅଭିଯୋଗ ଓ ଦାବି ଉପସ୍ଥାପନ କରିଥିଲେ। ଜିଲ୍ଲାପାଳ ସେମାନଙ୍କ ସମସ୍ୟାକୁ ଗୁରୁତ୍ୱର ସହ ଶୁଣିବା ସହ ସମ୍ପୃକ୍ତ ଅଧିକାରୀମାନଙ୍କୁ ଅଭିଯୋଗଗୁଡ଼ିକର ଯାଞ୍ଚ କରି ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

ହେମଗିର ପଞ୍ଚାୟତରେ ଚାଉଳ ବଣ୍ଟନକୁ ନେଇ ଅସନ୍ତୋଷ

୫ ଘଣ୍ଟା ଧରି ଲମ୍ବା ଧାଡ଼ିରେ ଅପେକ୍ଷା କରୁଛନ୍ତି ହିତାଧିକାରୀ, ପ୍ରଶାସନର ଦୃଷ୍ଟି ଆକର୍ଷଣ

ହେମଗିର: ସୁନ୍ଦରଗଡ଼ ଜିଲ୍ଲା ହେମଗିର ବ୍ଲକ ଅନ୍ତର୍ଗତ ହେମଗିର ପଞ୍ଚାୟତରେ ସରକାରୀ ଚାଉଳ ବଣ୍ଟନକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ନିଜର ହକ୍‌ର ଚାଉଳ ପାଇବା ପାଇଁ ହିତାଧିକାରୀମାନଙ୍କୁ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହୋଇ ରହିବାକୁ ପଡୁଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ହିତାଧିକାରୀମାନେ ଚାଉଳ ପାଇବା ଆଶାରେ ଅପେକ୍ଷା କରୁଛନ୍ତି। ବିଶେଷକରି ମେସିନ୍ ମାଧ୍ୟମରେ ଚାଉଳ ବଣ୍ଟନ ପ୍ରକ୍ରିୟାରେ ବିଳମ୍ବ ହେଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ଲୋକେ କହିଛନ୍ତି। ସରକାର ଗରିବ ଓ ଅସହାୟ ପରିବାରଙ୍କୁ ମାଗଣା ଚାଉଳ ଯୋଗାଇ ଦେଉଥିବା ବେଳେ ନିଜର ହକ୍ ପାଇବା ପାଇଁ ହିତାଧିକାରୀଙ୍କୁ ଏତେ ସମୟ ଧରି ଅପେକ୍ଷା କରିବାକୁ ପଡ଼ିବା ନେଇ ପ୍ରଶ୍ନ ଉଠିଛି। ଏହି ସମସ୍ୟା ପ୍ରତି ବ୍ଲକ ଯୋଗାଣ ବିଭାଗ ଓ ସ୍ଥାନୀୟ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବା ସହ ଚାଉଳ ବଣ୍ଟନ ବ୍ୟବସ୍ଥାକୁ ସରଳ ଓ ସୁବ୍ୟବସ୍ଥିତ କରିବାକୁ ହିତାଧିକାରୀମାନେ ଦାବି କରିଛନ୍ତି।

ବିଛା ସଂକ୍ରାନ୍ତି ସୋମବାରରେ ହନୁମାନ ମନ୍ଦିରରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା !



କାର୍ତ୍ତିକ ମାସର ପବିତ୍ର ବିଛା ସଂକ୍ରାନ୍ତି ସୋମବାର ଅବସରରେ ଢେଙ୍କାନାଳ ମହାବୀର ବଜାର ସ୍ଥିତ ହନୁମାନ ମନ୍ଦିରରେ ଅନୁଷ୍ଠିତ ହୋଇଛି ବିଶେଷ ପୂଜାର୍ଚ୍ଚନା। ଏହି ଅବସରରେ ପ୍ରାତଃକାଳରୁ ମହାପ୍ରଭୁଙ୍କର ମାଜଣା ନୀତି ସମ୍ପନ୍ନ ହେବା ପରେ ନୂତନ ବସ୍ତ୍ର, ତୁଳସୀ ହାର ଓ ଫୁଲ ହାରରେ ଠାକୁରଙ୍କୁ ସୁସଜ୍ଜିତ କରାଯାଇଥିଲା। ଏହାପରେ ବିଭିନ୍ନ ପ୍ରକାରର ଭୋଗ ଲାଗି କରାଯାଇ ବିଧିବିଧାନ ଅନୁସାରେ ପୂଜାନୀତି ସମ୍ପନ୍ନ ହୋଇଥିଲା। ମଧ୍ୟାହ୍ନ ସମୟରେ ମନ୍ଦିର ପରିସରରେ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିବା ବେଳେ, ଏହାପରେ ମହାପ୍ରଭୁଙ୍କ ନିକଟରେ ଅନ୍ନଧୂପ ଅର୍ପଣ କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ରାତ୍ରିରେ ରାତ୍ରଧୂପ ନୀତି ସମ୍ପନ୍ନ ହେବା ପରେ ମହାପ୍ରଭୁଙ୍କ ପହଡ଼ ପଡ଼ିବାର କାର୍ଯ୍ୟକ୍ରମ ରହିଥିଲା। ପବିତ୍ର ସଂକ୍ରାନ୍ତି ଅବସରରେ ଏହି ସ୍ୱତନ୍ତ୍ର ପୂଜାନୀତି ମନ୍ଦିର ପରିସରରେ ଏକ ଭକ୍ତିମୟ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା।

କିର୍ମିରା ବ୍ଲକ ସ୍ତରୀୟ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର

ଝାରସୁଗୁଡ଼ା: ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି କିର୍ମିରା ବ୍ଲକ ମୁଖ୍ୟାଳୟଠାରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଏବଂ ଆରକ୍ଷୀ ଅଧୀକ୍ଷକ ସୋନାଲୀ ସିଂହ ପରମାରଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ସମସ୍ୟା ସିଧାସଳଖ ଶୁଣିବା ସହ ସେଗୁଡ଼ିକର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ଶୁଣାଣି ଶିବିରରେ ମୋଟ ୨୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା, ଯେଉଁଥିରେ ୧୫ଟି ବ୍ୟକ୍ତିଗତ ଏବଂ ୧୪ଟି ସାମୂହିକ ଅଭିଯୋଗ ଅନ୍ତର୍ଭୁକ୍ତ ରହିଛି। ବିଶେଷ କରି ଗ୍ରାମାଞ୍ଚଳର ରାସ୍ତାଘାଟ ନିର୍ମାଣ ଓ ମରାମତି, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଣ, ସାମାଜିକ ସୁରକ୍ଷା ଭତ୍ତା, ଆଲୋକୀକରଣ, ଏବଂ ଧାନ କ୍ରୟ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଗୁଡ଼ିକ ଜନସାଧାରଣଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଥିଲା।



କୋଶଳ ସମ୍ବାଦ

ମଙ୍ଗଳବାର ୧୭ ନଭେମ୍ବର ୨୦୨୬

ଅନ୍ତର୍ଜାତୀୟ ଖବର

ଭାରତରେ ତିଆରି ହେବ ରାଫେଲ୍ ଇଞ୍ଜିନ୍! ବଡ଼ ଅଫର୍ ଦେଲା ଫ୍ରାନ୍ସ, କିନ୍ତୁ ଲୁଚାଇ ରଖିବ ଏହି ଗୁପ୍ତ ଟେକ୍ନୋଲୋଜି





ନୂଆଦିଲ୍ଲୀ,୧୬/୧୧: ଭାରତର ପ୍ରତିରକ୍ଷା କ୍ଷେତ୍ରରେ ଆସିପାରେ ଏକ ବଡ଼ ପରିବର୍ତ୍ତନ। ଏଣିକି ଭାରତ ମାଟିରେ ତିଆରି ହୋଇପାରେ ଶକ୍ତିଶାଳୀ ରାଫେଲ୍ ଯୁଦ୍ଧ ବିମାନର ଏମ୍ ୮୮ (**M88**) ଇଞ୍ଜିନ୍। ଏଥିପାଇଁ ଫ୍ରାନ୍ସର ପ୍ରତିରକ୍ଷା କମ୍ପାନୀ ସାଫ୍ରନ (**Safran**) ଭାରତରେ ଏକ ଇଞ୍ଜିନ୍ ଆସେମ୍ବଲି ଲାଇନ୍ ସ୍ଥାପନ କରିବାକୁ ପ୍ରସ୍ତୁତ ଥିବା ରିପୋର୍ଟରେ କୁହାଯାଇଛି। ହେଲେ ଏହି ଡିଲରେ ରହିଛି ଏକ ବଡ଼ ସର୍ତ୍ତ। ଇଞ୍ଜିନର ସବୁଠାରୁ ସମ୍ବେଦନଶୀଳ ଓ ଗୁରୁତ୍ୱପୂର୍ଣ୍ଣ ଟେକ୍ନୋଲୋଜି ଫ୍ରାନ୍ସ ନିଜ ପାଖରେ ରଖିବ। ଅର୍ଥାତ୍ ଭାରତରେ ଉତ୍ପାଦନ ହେଲେ ମଧ୍ୟ ଇଞ୍ଜିନର ସମ୍ପୂର୍ଣ୍ଣ ଟେକ୍ନୋଲୋଜି ଭାରତକୁ ମିଳିବ ନାହିଁ। ରାଫେଲ୍ ଯୁଦ୍ଧ ବିମାନରେ ବ୍ୟବହୃତ **M88** ଇଞ୍ଜିନ୍ ନିର୍ମାଣ କରୁଛି ଫ୍ରାନ୍ସର ସାଫ୍ରନ୍ କମ୍ପାନୀ। ଭାରତରେ ରାଫେଲ୍ ବିମାନର ଉତ୍ପାଦନ ବଢ଼ାଇବା ଯୋଜନା ମଧ୍ୟରେ କମ୍ପାନୀ ଏଠାରେ ଇଞ୍ଜିନ୍ ଆସେମ୍ବଲ ଲାଇନ୍ ସ୍ଥାପନ କରିବାକୁ ଚାହୁଁଛି। ଏହାଦ୍ୱାରା ଭାରତରେ କିଛି ଇଞ୍ଜିନ୍ ଉପାଦାନ ଉତ୍ପାଦନ ଏବଂ ସ୍ଥାନୀୟ ଯୋଗାଣକାରୀଙ୍କ ସହଯୋଗରେ ଉତ୍ପାଦନ ବ୍ୟବସ୍ଥା ଗଢ଼ି ଉଠିପାରିବ। ଏଥିରୁ ଦେଶର ଏରୋସ୍ପେସ୍ ଶିଳ୍ପକୁ ନୂଆ ସୁଯୋଗ ମିଳିବା ସହ ରୋଜଗାର ମଧ୍ୟ ବଢ଼ିପାରେ। ଏହି ପ୍ରସ୍ତାବର ସବୁଠାରୁ ବଡ଼ ଦିଗ ହେଉଛି ଟେକ୍ନୋଲୋଜି ହସ୍ତାନ୍ତର। ସାଫ୍ରନର ମୁଖ୍ୟ ଓଲିଭିୟର୍ ଆନ୍ଦ୍ରିଏସଙ୍କ ମତ ଅନୁସାରେ, ଏମ୍-୮୮ ଇଞ୍ଜିନର ଆସେମ୍ବଲ ଲାଇନ୍ ଭାରତରେ ସ୍ଥାପନ ହୋଇପାରିବ। କିନ୍ତୁ ଇଞ୍ଜିନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଓ ସମ୍ବେଦନଶୀଳ ଅଂଶ ଫ୍ରାନ୍ସରେ ହିଁ ତିଆରି ହେବ। ଏହାର ଅର୍ଥ ଭାରତ ଇଞ୍ଜିନ୍ ଆସେମ୍ବଲ ଓ କିଛି ଉପାଦାନ ଉତ୍ପାଦନର ଦକ୍ଷତା ହାସଲ କରିପାରିବ, କିନ୍ତୁ ଇଞ୍ଜିନର ସମ୍ପୂର୍ଣ୍ଣ ଡିଜାଇନ୍ ଓ ଗୁପ୍ତ ନିର୍ମାଣ ପ୍ରଯୁକ୍ତି ଉପରେ ଅଧିକାର ମିଳିବା ନିଶ୍ଚିତ ନୁହେଁ। ଭାରତୀୟ ବାୟୁସେନା ପାଇଁ ଅତିରିକ୍ତ ୧୧୪ଟି ରାଫେଲ୍ ଯୁଦ୍ଧ ବିମାନ କିଣିବା ପ୍ରସ୍ତାବକୁ ନେଇ ଭାରତ ଓ ଫ୍ରାନ୍ସ ମଧ୍ୟରେ ଆଲୋଚନା ଚାଲିଛି। ଏହି ପ୍ରସ୍ତାବ ଅନୁସାରେ ଅଧିକାଂଶ ବିମାନ ଭାରତରେ ନିର୍ମାଣ କରିବା ଯୋଜନା ରହିଛି। ଫେବ୍ରୁଆରୀ ୨୦୨୬ରେ ଭାରତର ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (**DAC**) ୧୧୪ଟି ରାଫେଲ୍ କିଣିବା ପ୍ରସ୍ତାବକୁ ଆବଶ୍ୟକତାଗତ ମଞ୍ଜୁରି ଦେଇଥିଲା। ତେବେ ଏହା ଚୂଡ଼ାନ୍ତ ଚୁକ୍ତି ନୁହେଁ। ବାଣିଜ୍ୟିକ ଆଲୋଚନା ଓ ଅନ୍ୟାନ୍ୟ ଅନୁମୋଦନ ପରେ ହିଁ ଚୁକ୍ତି ସମ୍ପନ୍ନ ହେବ। ଭାରତରେ ରାଫେଲ୍ ଇଞ୍ଜିନର ରକ୍ଷଣାବେକ୍ଷଣ ବ୍ୟବସ୍ଥାକୁ ମଧ୍ୟ ମଜବୁତ କରୁଛି ସାଫ୍ରନ। ହାଇଦ୍ରାବାଦରେ ଏମ୍-୮୮ ଇଞ୍ଜିନର ରକ୍ଷଣାବେକ୍ଷଣ ଓ ମରାମତି ପାଇଁ ଏକ କେନ୍ଦ୍ର ନିର୍ମାଣ କରାଯାଉଛି। ଏଥିପାଇଁ ୪୦ ନିୟୁତ ୟୁରୋରୁ ଅଧିକ ନିବେଶ ଯୋଜନା ରହିଛି। ଏହି କେନ୍ଦ୍ର କାର୍ଯ୍ୟକ୍ଷମ ହେଲେ ଭାରତୀୟ ବାୟୁସେନାକୁ ଇଞ୍ଜିନ୍ ମରାମତି ପାଇଁ ପ୍ରତ୍ୟେକ ଥର ଫ୍ରାନ୍ସ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ଫଳରେ ମରାମତି ସମୟ କମିବା ସହ ବିମାନର ଉପଲବ୍ଧତା ବଢ଼ିପାରିବ। ଉଲ୍ଲେଖଯୋଗ୍ୟ ଯେ, ଭାରତ ଦୀର୍ଘଦିନ ଧରି ଯୁଦ୍ଧ ବିମାନ ଇଞ୍ଜିନ୍ ନିର୍ମାଣ କ୍ଷେତ୍ରରେ ନିଜସ୍ୱ କ୍ଷମତା ବଢ଼ାଇବାକୁ ଚେଷ୍ଟା କରୁଛି। ଏଭଳି ସ୍ଥିତିରେ ଏମ୍-୮୮ ଇଞ୍ଜିନର ଆସେମ୍ବଲ ଓ ଉପାଦାନ ଉତ୍ପାଦନ ଭାରତୀୟ ଶିଳ୍ପ ପାଇଁ ଏକ ବଡ଼ ଅନୁଭବ ହୋଇପାରେ। କିନ୍ତୁ କେବଳ ଇଞ୍ଜିନ୍ ଆସେମ୍ବଲ କରିବା ଏବଂ ନିଜେ ଏକ ଯୁଦ୍ଧ ବିମାନ ଇଞ୍ଜିନ୍ ଡିଜାଇନ୍ କରି ନିର୍ମାଣ କରିବା ଦୁଇଟି ଭିନ୍ନ କଥା। ଇଞ୍ଜିନର ଗୁରୁତ୍ୱପୂର୍ଣ୍ଣ ଅଂଶ ଓ ପ୍ରଯୁକ୍ତି ଫ୍ରାନ୍ସ ପାଖରେ ରହିଲେ ଭାରତର ସମ୍ପୂର୍ଣ୍ଣ ଆତ୍ମନିର୍ଭରତାର ଲକ୍ଷ୍ୟ ଏବେ ବି ଏକ ଚ୍ୟାଲେଞ୍ଜ ହୋଇ ରହିବ। ତେଣୁ ରାଫେଲ୍ ଇଞ୍ଜିନ୍ ଭାରତରେ ତିଆରି ହେବାର ସମ୍ଭାବନା ନିଶ୍ଚିତ ଭାବେ ପ୍ରତିରକ୍ଷା ଶିଳ୍ପ ପାଇଁ ଏକ ବଡ଼ ପଦକ୍ଷେପ।

ବ୍ରିଟେନରେ ମାଡ଼ି ଆସୁଛି ବଡ଼ ବିପଦ, ୨୪ ଘଣ୍ଟାରେ ବଦଳିବ ପାଗ!

ନୂଆଦିଲ୍ଲୀ : ବ୍ରିଟେନରେ ଶୀତ ଋତୁ ଆରମ୍ଭ ହେବା ମାତ୍ରେ ନିଜର କଠୋର ରୂପ ଦେଖାଇବା ଆରମ୍ଭ କରି ଦେଇଛି। ପାଣିପାଗ ବିଭାଗ ଓ ସରକାରଙ୍କ ପକ୍ଷରୁ ଲୋକଙ୍କୁ ଲଗାତାର ସଚେତନ କରାଯାଉଛି ଏବଂ କୁହାଯାଉଛି ଯେ, ସେମାନେ ନିଜର ଆବଶ୍ୟକୀୟ ବ୍ୟବସ୍ଥା ପ୍ରସ୍ତୁତ କରି ରଖନ୍ତୁ, କାରଣ ଯେକୌଣସି ସମୟରେ ସେମାନଙ୍କ ଅଞ୍ଚଳରେ ବିପଦ ମାଡ଼ି ଆସି ପାରେ। ଆଗାମୀ ୨୪ ଘଣ୍ଟା ପାଇଁ ମଧ୍ୟ ଏଠାରେ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । ଆଶଙ୍କା କରାଯାଉଛି ଯେ, ଦେଶର ଅନେକ ଅଞ୍ଚଳରେ ପ୍ରବଳ ତୁଷାରପାତ ସହ ଝଡ଼ତୋଫାନ ବହିବ ଏବଂ ପରିସ୍ଥିତି ଏପରି ହୋଇପାରେ ଯେ ରାସ୍ତାଘାଟରେ ବରଫର ମୋଟା ଚାଦର ଜମି ଯିବ ଓ ଲୋକଙ୍କ ଘରୁ ବାହାରିବା କଷ୍ଟକର ହୋଇ ପଡ଼ିବ। ଏଭଳି ସ୍ଥିତିରେ ସେମାନଙ୍କୁ ପୂର୍ବରୁ ଜରୁରୀ ସାମଗ୍ରୀ ଏକାଠି କରି ରଖିବାକୁ ଏବଂ ଖରାପ ପାଗର ମୁକାବିଲା ପାଇଁ ପ୍ରସ୍ତୁତ ରହିବାକୁ ପରାମର୍ଶ ଦିଆଯାଇଛି । ପାଣିପାଗ ବିଭାଗ ଅନୁଯାୟୀ, ଆଜି ରାତି ଠାରୁ ବର୍ଷାର ଏକ ବଳୟ ଉତ୍ତର ଦିଗକୁ ଅଗ୍ରସର ହେବ । ଥଣ୍ଡା ପବନ ସଂସ୍ପର୍ଶରେ ଆସିବା ମାତ୍ରେ ଅନେକ ଅଞ୍ଚଳରେ ବର୍ଷା ତୁଷାରପାତରେ ପରିଣତ ହୋଇ ପାରେ । ବିଶେଷକରି ସମୁଦ୍ର ପଉନ ଠାରୁ ୧୦୦ ମିଟରରୁ ଅଧିକ ଉଚ୍ଚତାରେ ଥିବା ଅଞ୍ଚଳ ଗୁଡ଼ିକରେ ତୁଷାରପାତ ହେବାର ସମ୍ଭାବନା ରହିଛି । ସାଧାରଣ ଅଞ୍ଚଳରେ ୧ରୁ ୫ ସେଣ୍ଟିମିଟର ପର୍ଯ୍ୟନ୍ତ ବରଫ ଆଚ୍ଛାଦିତ ହୋଇ ପାରେ, ଯେତେବେଳେ କି ୩୦୦ରୁ ୪୦୦ ମିଟରରୁ ଅଧିକ ଉଚ୍ଚ ପାହାଡ଼ିଆ ଅଞ୍ଚଳରେ ୫ରୁ ୧୫ ସେଣ୍ଟିମିଟର ପର୍ଯ୍ୟନ୍ତ ତୁଷାରପାତ ହେବାର ଅନୁମାନ କରାଯାଉଛି। ସେହିପରି କିଛି ସ୍ଥାନରେ ୧୦ ଇଞ୍ଚ ପର୍ଯ୍ୟନ୍ତ ବରଫ ପଡ଼ିବାର ଆଶଙ୍କା ରହିଛି। ତୁଷାର ଝଡ଼ର ଆଶଙ୍କାକୁ ଦୃଷ୍ଟିରେ ରଖି ଲୋକଙ୍କୁ ପରାମର୍ଶ ଦିଆଯାଇଛି ଯେ, ଶେଷ ମୁହୂର୍ତ୍ତକୁ ଅପେକ୍ଷା ନକରି ଏବେଠାରୁ ନିଜ ଘରେ ଜରୁରୀ ଜିନିଷର ବ୍ୟବସ୍ଥା କରି ନିଅନ୍ତୁ । ଚେତାବନୀ ଦିଆଯାଇଛି ଯେ ବିଜୁଳି କଟି ଯାଇପାରେ, ମୋବାଇଲ୍ ନେଟୱର୍କ ଦୁର୍ବଳ ହୋଇ ପଡ଼ିବ ଏବଂ ଦୋକାନ ପର୍ଯ୍ୟନ୍ତ ପହଞ୍ଚିବାରେ ଅସୁବିଧା ହୋଇ ପାରେ । ଏଭଳି ପରିସ୍ଥିତିରେ କିଛି ଜରୁରୀ ସାମଗ୍ରୀ ବହୁତ କାମରେ ଆସିପାରେ । ପାଣିପାଗ ଜନିତ ସମସ୍ୟା କେବଳ ତୁଷାରପାତ ମଧ୍ୟରେ ସୀମିତ ରହିବ ନାହିଁ । ପାଣିପାଗ ବିଭାଗର କହିବା ଅନୁଯାୟୀ, ପୂର୍ବ ଦିଗରୁ ଆସୁଥିବା ପ୍ରବଳ ପବନର ବେଗ ଘଣ୍ଟା ପ୍ରତି ୫୦ରୁ ୬୦ ମାଇଲ୍ ପର୍ଯ୍ୟନ୍ତ ପହଞ୍ଚି ପାରେ । ଏହାଦ୍ୱାରା ବରଫ ଜମିବା ସ୍ଥିତି ଆହୁରି ଖରାପ ହେବ ଏବଂ ଗାଡ଼ି ଚଳାଇବା ବିପଜ୍ଜନକ ହୋଇ ପଡ଼ିବ । ମେଟ୍ ଅଫିସର ପାଣିପାଗ ବୈଜ୍ଞାନିକ ଆଡାନ୍ ମ୍ୟାକଗିଭର୍ନ ମଧ୍ୟ ଚେତାବନୀ ଦେଇଛନ୍ତି ଯେ ଆଗାମୀ ୨୪ ଘଣ୍ଟା ମଧ୍ୟରେ ପାଣିପାଗ ଖୁବ୍ ଅସ୍ଥିର ରହି ପାରେ । ପାଣିପାଗ ବିଭାଗର ଚେତାବନୀ ଅନୁଯାୟୀ, ଇଂଲଣ୍ଡର ଇଷ୍ଟ ମିଡଲ୍ୟାଣ୍ଡସ୍, ନର୍ଥଇଷ୍ଟ, ନର୍ଥୱେଷ୍ଟ ଏବଂ ୱେଷ୍ଟ ମିଡଲ୍ୟାଣ୍ଡସ୍ ବ୍ୟତୀତ ୟର୍କସାୟାର ଆଣ୍ଡ ହୟରର ଏହି ସତର୍କତା ଲାଗୁ ରହିବ। ସ୍କଟଲ୍ୟାଣ୍ଡର ଷ୍ଟ୍ରାଥକ୍ଲାଇଡ୍, ସାଉଥୱେଷ୍ଟ ସ୍କଟଲ୍ୟାଣ୍ଡ ଏବଂ ଲୋଥିଆନ୍ ବର୍ଡର୍ସ ମଧ୍ୟ ପ୍ରଭାବିତ ହୋଇ ପାରେ ।

ମୁଁ ବୋଧହୁଏ ଆଉ ଜେଲରୁ ଜୀବିତ ଫେରିନପାରେ: ପାକିସ୍ତାନର ସର୍ବୋଚ୍ଚ ଅଦାଲତର ମୁଖ୍ୟ ବିଚାରପତିଙ୍କୁ ଚିଠି ଲେଖିଲେ ଇମ୍ରାନ୍ ଖାନ୍



ନୂଆଦିଲ୍ଲୀ : ପାକିସ୍ତାନର ଜେଲରେ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ସୋମବାର ଦେଶର ସର୍ବୋଚ୍ଚ ଅଦାଲତର ମୁଖ୍ୟ ବିଚାରପତି ମାନଙ୍କୁ ଏକ ଚିଠି ଲେଖିଛନ୍ତି, ଯେଉଁଥିରେ ତାଙ୍କ ପତ୍ନୀ ବୁଶରା ବିବିଙ୍କ ପାଇଁ ଉପଯୁକ୍ତ ଚିକିତ୍ସା ସେବା ସୁନିଶ୍ଚିତ କରିବାକୁ ନିବେଦନ କରିଛନ୍ତି । ସେ ଚେତାବନୀ ଦେଇଛନ୍ତି ଯେ ତାଙ୍କ ଅବନତିଶୀଳ ସ୍ୱାସ୍ଥ୍ୟ ଘାତକ ସାବ୍ୟସ୍ତ ହୋଇପାରେ । ଇମ୍ରାନ ପୂର୍ବ କୋର୍ଟର ନିର୍ଦ୍ଦେଶ ଗୁଡ଼ିକୁ କାର୍ଯ୍ୟକାରୀ କରିବା ଏବଂ ଜେଲ ସୁବିଧା ଉନ୍ନତ କରିବା ପାଇଁ ମଧ୍ୟ ଦାବି କରିଛନ୍ତି । ଇମ୍ରାନ ଖାନଙ୍କ ଓକିଲ, ବାରିଷ୍ଟର ସଲମାନ ସଫଦର, ସୋମବାର ସୋସିଆଲ ମିଡିଆ ପ୍ଲାଟଫର୍ମ **X**ରେ ତାଙ୍କର ଖୋଲା ଚିଠି ସେୟାର କରିଛନ୍ତି। ସେ ଗତ ସପ୍ତାହରେ ଆଦିଆଲା ଜେଲରେ ଇମ୍ରାନ ଖାନଙ୍କୁ ଭେଟିଥିଲେ । ୭୪ ବର୍ଷୀୟ ଇମ୍ରାନ ଖାନ ସୁପ୍ରିମକୋର୍ଟ, ଫେଡେରାଲ ସାମ୍ବିଧାନିକ ଅଦାଲତ ଏବଂ ଇସଲାମାବାଦ ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କୁ ସମ୍ବୋଧିତ ଏକ ଚିଠିରେ ତାଙ୍କ ସ୍ୱାସ୍ଥ୍ୟ ବିଷୟରେ ଚିନ୍ତା ପ୍ରକାଶ କରିଛନ୍ତି। ସେ ଲେଖିଛନ୍ତି, '୭୪ ବର୍ଷ ବୟସରେ, ଏହି ନିରନ୍ତର ଅବସ୍ଥା ମୋତେ ଏପରି ଏକସ୍ଥାନକୁ ନେଇଯାଉଛି ଯେଉଁଠାରୁ ମୁଁ ଜୀବିତ ଫେରି ନପାରେ ।' ଇମ୍ରାନ ଦାବି କରିଛନ୍ତି ଯେ, ଦୀର୍ଘ ସମୟ ଧରି ଏକାକୀ ବନ୍ଦୀ ରହିବା ଏବଂ ଚିକିତ୍ସା ସେବାର ଅଭାବ ଯୋଗୁଁ ତାଙ୍କ ସ୍ୱାସ୍ଥ୍ୟ ଖରାପ ହେଉଛି । ତାଙ୍କ ଅନୁସାରେ, ତାଙ୍କ ରକ୍ତଚାପ ବିପଜ୍ଜନକ ସ୍ତରରେ ପହଞ୍ଚିଛି । ଡାକ୍ତର ମାନେ ତାଙ୍କୁ ମସ୍ତିଷ୍କ ରକ୍ତସ୍ରାବ ଏବଂ ହୃଦଘାତର ବିପଦ ବିଷୟରେ ମଧ୍ୟ ସତର୍କ କରାଇଛନ୍ତି । ଇମ୍ରାନ ଖାନ ତାଙ୍କ ପତ୍ନୀ ବୁଶରା ବିବିଙ୍କ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ ଉଠାଇଛନ୍ତି । ସେ ଅଭିଯୋଗ କରିଛନ୍ତି ଯେ, ବୁଶରାଙ୍କ ଦୃଷ୍ଟିଶକ୍ତି କ୍ରମାଗତ ଭାବରେ ଖରାପ ହେଉଛି ଏବଂ ତାଙ୍କର ଆହୁରି ଆଖି ଅସ୍ତ୍ରୋପଚାର ଆବଶ୍ୟକ । ଏପ୍ରିଲରେ ବୁଶରା ବିବିଙ୍କ ରେଟିନା ଡିଟେଚମେଣ୍ଟ ହୋଇଥିଲା, ଯାହା ପରେ ତାଙ୍କର ଅସ୍ତ୍ରୋପଚାର କରାଯାଇଥିଲା।

ଚୀନ୍‌ରେ ସାମ୍ନାସାମ୍ନି ହେବେ ଟ୍ରମ୍ପ ଏବଂ କିମ୍ ଜୋଙ୍ଗ୍ ଉନ୍, ଉତ୍ତରକୋରିଆ ନେତାଙ୍କୁ ଭେଟିବାକୁ ନେଇ ଜାଣନ୍ତୁ କ'ଣ କହିଲେ ଆମେରିକା ରାଷ୍ଟ୍ରପତି



ନୂଆଦିଲ୍ଲୀ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବେ ଏସିଆ ଗସ୍ତ ପାଇଁ ବାହାରିବାକୁ ପ୍ରସ୍ତୁତ ହେଉଛନ୍ତି । ଏହି ଯାତ୍ରା ସମୟରେ ତାଙ୍କର ମୁଖ୍ୟ ଲକ୍ଷ୍ୟ ଅର୍ଥନୈତିକ ଚୁକ୍ତିନାମା ଏବଂ ରୁଷ ଏବଂ ଚୀନ ସହିତ ଐତିହାସିକ ତ୍ରିପାକ୍ଷିକ ପରମାଣୁ ଆଲୋଚନା ହେବ । ଏହି ସମୟରେ, ତାଙ୍କ ପ୍ରଶାସନ ୱାଶିଂଟନର ପରିବର୍ତ୍ତିତ ରାଜନୈତିକ ପରିସ୍ଥିତି ସହିତ ଖାପ ଖୁଆଇ ଚାଲିଛି ।

ଟ୍ରମ୍ପ କହିଛନ୍ତି ଯେ, ସେ ଚୀନରେ ରହଣି ସମୟରେ ଉତ୍ତର କୋରିଆ ନେତା କିମ ଜଙ୍ଗ-ଉନଙ୍କ ସହ ସାକ୍ଷାତ କରିପାରନ୍ତି । ଆମେରିକା ଉତ୍ତର କୋରିଆ ସହିତ ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ପୁନଃ ଆରମ୍ଭ କରିବାକୁ ଚେଷ୍ଟା କରୁଛି । ଟ୍ରମ୍ପ କହିଛନ୍ତି ଯେ ସେ ଚୀନରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏବଂ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ତାଙ୍କର ବହୁ ପ୍ରତୀକ୍ଷିତ ସାକ୍ଷାତ ସମୟରେ ୟୁକ୍ରେନ ସହ ରୁଷର ଯୁଦ୍ଧ ପ୍ରସଙ୍ଗ ଉଠାଇବେ। ସୋମବାର ସକାଳେ ଏସିଆ ଗସ୍ତରେ ଯିବା ପୂର୍ବରୁ ହ୍ୱାଇଟ୍ ହାଉସରେ ସାମ୍ବାଦିକ ମାନଙ୍କ ସହ ଆଲୋଚନା କରି ଟ୍ରମ୍ପ କହିଛନ୍ତି, 'ଆମେ ମୋର ପ୍ରିୟ ବିଷୟ ବିଷୟରେ ଆଲୋଚନା କରିବୁ । ସେ ଦାବି କରିଥିଲେ, 'ରୁଷ ପ୍ରତି ମାସରେ ୨୫ ହଜାର ସୈନିକଙ୍କୁ ହରାଉଛି । ତେଣୁ ଆମେ ଏହା ବିଷୟରେ କଥା ହେବୁ।' ତଥାପି, ଟ୍ରମ୍ପଙ୍କ ବକ୍ତବ୍ୟ ପ୍ରଶାସନିକ ଅଧିକାରୀଙ୍କ ପୂର୍ବ ସୂଚନାର ବିରୁଦ୍ଧ । ଶୁକ୍ରବାର, ଆମେରିକୀୟ ଅଧିକାରୀ ମାନେ ସାମ୍ବାଦିକ ମାନଙ୍କୁ କହିଥିଲେ ଯେ ଟ୍ରମ୍ପ ତାଙ୍କ ଚୀନ୍ ଏବଂ ରୁଷ ପ୍ରତିପକ୍ଷଙ୍କ ସହିତ ପରମାଣୁ ନିରସ୍ତ୍ରୀକରଣ ଏବଂ ଇରାନ ଯୁଦ୍ଧ ବିଷୟରେ ଆଲୋଚନା କରିବେ, କିନ୍ତୁ ଆଲୋଚନାରୁ ରୁଷ-ୟୁକ୍ରେନ ଯୁଦ୍ଧ ପ୍ରସଙ୍ଗକୁ ବାଦ ଦିଆଯିବ । ତାଙ୍କର ଏସିଆ ଯାତ୍ରା ଶେଷରେ, ଟ୍ରମ୍ପ ଚୀନ୍‌ରେ ସି ଜିନପିଙ୍ଗ ଏବଂ ଭ୍ଲାଦିମିର ପୁଟିନଙ୍କ ସହିତ ତାଙ୍କର ପ୍ରଥମ ତ୍ରିପାକ୍ଷିକ ବୈଠକ କରିବେ। ଏହି ବୈଠକର ମୁଖ୍ୟ ଏଜେଣ୍ଡା ହେଉଛି ତିନୋଟି ଦେଶର ପରମାଣୁ ଅସ୍ତ୍ରଶସ୍ତ୍ର ବିଷୟରେ ଆଲୋଚନା କରିବା । ଏହା ବ୍ୟତୀତ, ଆଲୋଚନା ମଧ୍ୟ ଇରାନ ସହିତ ଆମେରିକାର ସଂଘର୍ଷ ଉପରେ କେନ୍ଦ୍ରିତ ହେବ ବୋଲି ଆଶା କରାଯାଉଛି, ଯାହାକୁ ପ୍ରାୟତଃ ଚୀନ୍ ଏବଂ ରୁଷର ଏକ ସହଯୋଗୀ ରାଷ୍ଟ୍ର ଭାବରେ ବିବେଚନା କରାଯାଇଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ମାଓ ନିଙ୍ଗ୍ ସୋମବାର କହିଛନ୍ତି ଯେ ଏହି ତ୍ରିପାକ୍ଷିକ ଆଲୋଚନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହେବ । ସେ କହିଛନ୍ତି ଯେ ଚୀନର ଲକ୍ଷ୍ୟ ହେଉଛି ବିଶ୍ୱ ଶାନ୍ତି ସୁରକ୍ଷା ଏବଂ ସ୍ଥିରତା ପ୍ରୋତ୍ସାହନ ସହିତ ଜଡିତ ପ୍ରସଙ୍ଗ ଉପରେ ଗଭୀର ଆଲୋଚନା କରିବା । ବେଜିଂରେ ଏକ ନିୟମିତ ପ୍ରେସ ବ୍ରିଫିଂ ସମୟରେ ମାଓ ନିଙ୍ଗ୍ କହିଛନ୍ତି, 'ବର୍ତ୍ତମାନର ପରିସ୍ଥିତିରେ, ଏହି ତିନୋଟି ଦେଶ ବିଶ୍ୱ ଚ୍ୟାଲେଞ୍ଜର ମୁକାବିଲା ପାଇଁ ଏକାଠି କାମ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ।' ଟ୍ରମ୍ପଙ୍କ ଏସିଆ ଗସ୍ତ ଫିଲିପାଇନ୍ସର ରାଜଧାନୀ ମାନିଲାରେ ଆରମ୍ଭ ହେବ । ସେଠାରେ ସେ ଦକ୍ଷିଣ-ପୂର୍ବ ଏସୀୟ ଦେଶ ଗୁଡ଼ିକର ନେତାମାନଙ୍କ ସହିତ ସାକ୍ଷାତ କରିବେ । ବେଜିଂର ବଢୁଥିବା ଆକ୍ରମଣକୁ ମୁକାବିଲା କରିବା ପାଇଁ ଏହି କ୍ଷେତ୍ରର ଦେଶ ଗୁଡ଼ିକ ଆମେରିକାର ସହଯୋଗ ଖୋଜୁଛନ୍ତି । ହ୍ୱାଇଟ୍ ହାଉସ୍ ଅନୁଯାୟୀ, ମାନିଲାରେ ତାଙ୍କ ରହଣି ସମୟରେ, ଟ୍ରମ୍ପ ଥାଇଲ୍ୟାଣ୍ଡ ସହିତ ଏକ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷର କରିବାକୁ ଯୋଜନା କରିଛନ୍ତି । ତା'ପରେ ସେ ଏସିଆ-ପ୍ରଶାନ୍ତ ମହାସାଗରୀୟ ଆର୍ଥିକ ସହଯୋଗ (**APEC**) ଶିଖର ସମ୍ମିଳନୀରେ ଅଂଶଗ୍ରହଣ କରିବା ପାଇଁ ଚୀନର ସେନଜେନ ଯାତ୍ରା କରିବେ, ଯେଉଁ ସମୟରେ ସେ ସି ଜିନପିଙ୍ଗ ଏବଂ ପୁଟିନଙ୍କ ସହ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବାର କାର୍ଯ୍ୟକ୍ରମ ରହିଛି ।

ରୁଷରେ ୟୁକ୍ରେନର ସବୁଠୁ ବଡ଼ ଡ୍ରୋନ ହମ୍‌ଲା, ତୈଳ ବିଶୋଧନାଗାର ଓ ବ୍ରିଜ୍ ଉପରେ ୨୦୪୯ ଡ୍ରୋନ୍ ମାଡ଼

କିଏଭ୍,୧୭/୧୧: ରୁଷ ଉପରେ ୟୁକ୍ରେନ ସବୁଠାରୁ ବଡ ଡ୍ରୋନ ଆକ୍ରମଣ କରିଛି । ରୁଷର ବିଭିନ୍ନ ତୈଳ ବିଶୋଧନାଗାର, ବ୍ରିଜ୍ ଓ ଅନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନକୁ ଟାର୍ଗେଟ କରି ୟୁକ୍ରେନ ସେନା ପ୍ରାୟ ୨,୦୪୯ଟି ଡ୍ରୋନ ମାଡ଼ କରିଛି । ଗତ ୨୦୨୨ ଫେବ୍ରୁଆରୀରେ ଦୁଇଦେଶ ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ପରଠାରୁ ରୁଷ ଉପରେ ୟୁକ୍ରେନର ଏହା ସବୁଠାରୁ ବଡ ଡ୍ରୋନ ଆକ୍ରମଣ ବୋଲି କୁହାଯାଉଛି । ଏହା ପୂର୍ବରୁ ଗତ ଅକ୍ଟୋବର ୨୯ରେ ରୁଷ ଉପରେ ୟୁକ୍ରେନ ୧,୨୫୪ଟି ଡ୍ରୋନ ଆକ୍ରମଣ କରିଥିଲା ୟୁକ୍ରେନ ସେନାର ସୂଚନା ଅନୁସାରେ ରବିବାର ସନ୍ଧ୍ୟାରୁ ସୋମବାର ସକାଳ ପର୍ଯ୍ୟନ୍ତ କ୍ରିମିଆ, ଲୋହିତ ସାଗର ଓ ଅଜୋଭ ସାଗର ଅଞ୍ଚଳ ସମେତ ପ୍ରାୟ ୧୬ଟି ସ୍ଥାନରେ ଏହି ଡ୍ରୋନ ଆକ୍ରମଣ କରାଯାଇଛି । ସେଥିରୁ କେବଳ ରାଜଧାନୀ ମସ୍କୋରେ ୬୦୦ ଡ୍ରୋନ ମାଡ଼ ହୋଇଛି । ରୋଷ୍ଟୋଭ ଓ କ୍ରାସନୋଡର ଅଞ୍ଚଳରେ ଥିବା କେତେକ ଶିଳ୍ପ ପ୍ରତିଷ୍ଠାନ ଓ ତୈଳ ବିଶୋଧନାଗାର ଉପରେ ଡ୍ରୋନ ହମ୍‌ଲା କରାଯାଇଛି । ଅଜୋଭ ଅଞ୍ଚଳରେ ଥିବା ୪ଟି ଶିଳ୍ପ କାରଖାନାରେ ଡ୍ରୋନ ବିସ୍ଫୋରଣ ପରେ ନିଆଁ ଲାଗିଯାଇଛି । ସେହିଭଳି କେତେକ ରୋଡ, ବ୍ରିଜ, ରେଲୱେ ବ୍ରିଜ, ଶକ୍ତିକେନ୍ଦ୍ର, ତୈଳ ଭଣ୍ଡାର ଓ ଅନ୍ୟ ପ୍ରତିଷ୍ଠାନକୁ ଟାର୍ଗେ